# DAV PUBLIC SCHOOLS, POKHARIPUT, BBSR
# SAMPLE QUESTION PAPER FOR HALF YEARLY EXAM, 2022-23

- Please check that this question paper contains **4** printed pages.
- Check that this question paper contains **11** questions.
- Additional question no **11** will be given for book bonus.
- For the Good Reader Bonus, question will be made from books recommended by your school.
- Write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

## CLASS: VII
## SUBJECT: LOWER ODIA

**Time: 3 Hours** **Maximum Marks: 80+(04)**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ଏହି ପ୍ରଶ୍ନପତ୍ରରେ**(କ,ଖ,ଗ,ଘ,ଙ)**ଭଳି**୫ଟି ବିଭାଗରେ ୧୧ଟି** ମୁଦ୍ରିତ ପ୍ରଶ୍ନ ରହିଛି ।
- **(ଙ)** ବିଭାଗରେ **୧୧ନମ୍ବର ପ୍ରଶ୍ନ ଉତ୍ତମ ପାଠକ ବୋନସ୍** ନିମନ୍ତେ ନିଜ ବିଦ୍ୟାଳୟରୁ ପ୍ରସ୍ତାବିତ ପୁସ୍ତକରୁ ପ୍ରଶ୍ନପ୍ରଦାନ କରାଯିବ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ପୂର୍ବରୁ ଉତ୍ତର ଖାତାରେ ସେହି ପ୍ରଶ୍ନର କ୍ରମିକ ସଂଖ୍ୟା ଲେଖ ।
- ଅକ୍ଷରଗୁଡ଼ିକ ପରିଷ୍କାର ଓ ସୁନ୍ଦରଭାବରେ ଲେଖ ।
- ଗୋଟିଏ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟପ୍ରଶ୍ନର ଉତ୍ତର ଲେଖ ।

### 'କ' ବିଭାଗ (ପଠନ -୧୦)

**1. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(5×2 = 10)**

ଇଂରେଜମାନେ ୧୮୦୩ ମସିହାରେ ଓଡ଼ିଶାକୁ ଅଧିକାର କଲେ । ୧୮୧୭ ମସିହାରେ ଓଡ଼ିଶାର ପାଇକମାନେ ଇଂରେଜମାନଙ୍କ ବିରୋଧରେ ଲଢେଇ କଲେ । ପାଇମାନଙ୍କର ସେନାପତି ଥିଲେ ଜୟୀ ରାଜଗୁରୁ । ଭାରତରୁ ଇଂରେଜମାନଙ୍କୁ ତଡ଼ିବାପାଇଁ ୧୮୫୭ ମସିହାରେ ଏକ ବଡ଼ ଲଢେଇ ହୋଇଥିଲା । ଏହି ଲଢେଇକୁ 'ସିପାହୀ ବିଦ୍ରୋହ' କୁହାଯାଏ । ପ୍ରକୃତରେ ଏହା ଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ । ଇଂରେଜମାନେ ଆପ୍ରାଣ ଉଦ୍ୟମ କରି ଏହି ବିଦ୍ରୋହକୁ ଦମନ କଲେ । ଭାରତୀୟମାନଙ୍କୁ ସାହାଯ୍ୟ କରିବାକୁ ବାହାରିଲେ ଜଣେ ଇଂରେଜ ବ୍ୟକ୍ତି , ଯାହାଙ୍କର ନାମ ହେଉଛି , ଏ.ଓ.ହିଉମ୍ । ସେ ଭାରତୀୟମାନଙ୍କର ଦୁଃଖ ,ଦୁର୍ଦ୍ଦଶା , ଆପତ୍ତି , ଅଭିଯୋଗ ଇଂରେଜମାନଙ୍କୁ ଜଣାଇବା ପାଇଁ ଗୋଟିଏ ଅନୁଷ୍ଠାନ ଗଠନ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି କହିଲେ । ହିଉମ୍‌ଙ୍କ ଉଦ୍ୟମ ଯୋଗୁଁ ୧୮୮୫ ମସିହାରେ ଗଠିତ ହେଲା ଜାତୀୟ କଂଗ୍ରେସ । ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ବମ୍ବେଠାରେ ଆରମ୍ଭ ହୋଇଥିଲା । କଂଗ୍ରେସରେ ଯୋଗ ଦେଲେ ମହାତ୍ମା ଗାନ୍ଧୀ । ଅହିଂସା ନୀତି ପ୍ରୟୋଗ କରି ଇଂରେଜମାନଙ୍କୁ ଆମ ଦେଶରୁ ବିଦାୟ ଦେବାପାଇଁ ସେ ପ୍ରଥମେ ଉଦ୍ୟମ ଆରମ୍ଭ କରିଥିଲେ ।

**ପ୍ରଶ୍ନାବଳୀ :-**

(କ) ସିପାହୀ ବିଦ୍ରୋହ କେଉଁ ମସିହାରେ ହୋଇଥିଲା ?

(ଖ) ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(ଗ) ପାଇକମାନଙ୍କର ସେନାପତି କିଏ ଥିଲେ ?

(ଘ) ଇଂରେଜମାନେ ଓଡ଼ିଶାକୁ କେବେ ଅଧିକାର କଲେ ?

(ଙ) ଯେଉଁ ଇଂରେଜ ବ୍ୟକ୍ତି ଭାରତୀୟମାନଙ୍କୁ ସାହାଯ୍ୟ କରିବାକୁ ବାହାରିଲେ , ତାଙ୍କ ନାମ କ'ଣ ?

## 'ଖ' ବିଭାଗ (ଲିଖନ -୧୫)

**2. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।** **(1X8=8)**

ସ୍ୱାସ୍ଥ୍ୟ ହିଁ ସମ୍ପଦ

**କିମ୍ବା**

ବୃକ୍ଷରୋପଣ

**3.** ତୁମ ବିଦ୍ୟାଳୟରେ ଗୁରୁଦିବସ କିପରି ପାଳନ କଲ ବର୍ଣ୍ଣନା କରି ସାଙ୍ଗ ନିକଟକୁ ଏକ ପତ୍ରଲେଖ । **(1X7=7)**

**କିମ୍ବା**

ମୋବାଇଲ୍ ଫୋନ୍‌ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇ ସାନ ଭଉଣୀ ନିକଟକୁ ଏକ ପତ୍ରଲେଖ ।

## 'ଗ' ବିଭାଗ (ବ୍ୟାକରଣ -୨୫)

**4.ନିର୍ଦ୍ଦେଶ ଅନୁଯାୟୀ ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

**(କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । (୪ଟି )** **(4X1=4)**

ଗୋଟିକା , ଇତସ୍ତତଃ, ସର୍ବାଦୌ , ସଂଲଗ୍ନ

**(ଖ)ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର । (୪ଟିର)** **(4X1=4)**

ମହାତ୍ମା , ପର ଉପରକୁ କାଦୁଅ ଫିଙ୍ଗିବା , ଆହ୍ୱାନ , କୃତସଂକଳ୍ପ

**(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ । (୨ଟି )** **(2X1=2)**

ଅଶକତ , ତପତ

**5. ନିର୍ଦ୍ଦେଶ ଅନୁଯାୟୀ ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

**(କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ । (୪ଟି)** **(4X1=4)**

ସୂର୍ଯ୍ୟ ,ପୃଥିବୀ , କୁକ୍‌କୁଟ , ଶୁକ

**(ଖ) ଲିଙ୍ଗ ପରିବର୍ତ୍ତନ କରି ଲେଖ । (୪ଟି)** **(4X1=4)**

**(i)** ଜନନୀ **(ii)** ମହାରାଜା **(iii)** ମୂଳିଆଣୀ **(iv)** ସମୁଦୁଣୀ

**(ଗ) ଶୂନ୍ୟସ୍ଥାନ ପୂରଣ କରିଲେଖ । (୨ଟି)** **(2X1=2)**

**(i)** ନାନା ପ୍ରକାରେ ------------------ ।

**(ii)** ନୀଚମନା ଲଭେ ------------ ।

**6.** ନିର୍ଦ୍ଦେଶ ଅନୁଯାୟୀ ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ରୂପ ପରିବର୍ତ୍ତନ କରି ଲେଖ । (୩ଟି) **(3X1=3)**

ପରିଚୟ ,ନିର୍ବାଚନ, ଆମୋଦ

(ଖ) 'କ' ସ୍ତମ୍ଭ ଶବ୍ଦ ସହିତ 'ଖ' ସ୍ତମ୍ଭର ଶବ୍ଦକୁ ଯୋଗ କରି ଲେଖ ।(୨ଟି) **(2X1=2)**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| i. ଧନ | ବୟସ |
| ii.ଦାୟିତ୍ୱ | ସଂପତ୍ତି |
| | ଜ୍ଞାନ |

## 'ଘ' ବିଭାଗ (ପାଠ୍ୟପୁସ୍ତକ -୩୦)

**7.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ । (୬ଟିରୁ ୫ଟି) **(5X2=10)**

(କ) 'ବର୍ଷା' କବିତାରେ କାହାକୁ ରାଜା ବୋଲି କୁହାଯାଇଛି ?

(ଖ) ଶ୍ରୀକୃଷ୍ଣ ନିଦରୁ ଉଠିବା ପରେ ମା' ଯଶୋଦା କ'ଣ କରିବେ କହୁଛନ୍ତି ?

(ଗ) 'ଗର୍ଜନ୍ତି ଆବୋରିଣ ପାଣି' – ଏଠାରେ କିଏ ଗର୍ଜିବା କଥା କୁହାଯାଇଛି ?

(ଘ) ମାତା ଯଶୋବନ୍ତୀ ଶ୍ରୀକୃଷ୍ଣଙ୍କୁ କେଉଁ ସବୁ ଖାଦ୍ୟ ଖୁଆଇବେ ବୋଲି କହିଛନ୍ତି ?

(ଙ) ବର୍ଷା ଋତୁକୁ ସକଳ ଋତୁଙ୍କର ସାର ବୋଲି କବି କାହିଁକି କହିଛନ୍ତି ?

(ଚ) 'ପ୍ରଭାତ ଅବକାଶ' କବିତାରେ ଯଶୋଦାଙ୍କର ମାତୃ ସ୍ନେହ କିପରି ଫୁଟି ଉଠିଛି ?

**8.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ । (୬ଟିରୁ ୫ଟିର) **(5X2=10)**

(କ) ଛାତ୍ରମାନେ ଗାନ୍ଧିଜୀଙ୍କୁ କିପରି ସୁରକ୍ଷା ଦେଇଥିଲେ ?

(ଖ) ଆମେରିକାର ଲୋକେ କ'ଣ ପାଇଁ ଅଧିକ ବ୍ୟସ୍ତ ?

(ଗ) ଜେଲ୍ ଯିବା ଗୌରବର କଥା ବୋଲି ସଭର୍କର୍ କାହିଁକି କହିଥିଲେ ?

(ଘ) ଗରିବ ବାଳକଟିର ବେଶଭୂଷା କିପରି ଥିଲା ?

(ଙ) ଲେଖକ ଗୋଲକବିହାରୀ ପ୍ରଫେସର ମର୍ଗାନଙ୍କ ବନ୍ଧୁଙ୍କୁ ଦେଖି ସେ କିଏ ବୋଲି ଭାବିଲେ ?

(ଚ) ସଭର୍କର୍ଙ୍କୁ କେଉଁ କାରଣରୁ ଆଣ୍ଡାମାନ ପଠାଯାଇଥିଲା ?

**9. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ବନ୍ଧନୀ ମଧ୍ୟରୁ ବାଛି ଲେଖ ।** **(5X1=5)**

(କ) 'ଗର୍ଜନ୍ତି ଆବୋରିଣ ପାଣି ' ଏଠାରେ କିଏ ଗର୍ଜିବା କଥା କୁହାଯାଇଛି ?

(ମେଘ, ବିଜୁଳି, ଗାଈ, ମଣ୍ଡୂକ)

(ଖ) ରାମ ବସୁଦେବ ଗୋ-ଗୋଷ୍ଠକୁ କ'ଣ ଖାଦ୍ୟ ନେବେ ବୋଲି ଯଶୋଦା କହିଛନ୍ତି ?

( ସର , ଖଣ୍ଡ , ଲବଣୀ , ଦଧି ଅନ୍ନ)

(ଗ) ସତ୍ୟନାରାୟଣ ରାଜଗୁରୁଙ୍କ ଜୀବନର ପ୍ରଥମ ଲକ୍ଷ୍ୟ କ'ଣ ଥିଲା ?

(ବିଦେଶୀଙ୍କ ସେବା , ଭାରତମାତାର ସେବା , ଉତ୍କଳମାତାର ସେବା ,ପିତାମହୀଙ୍କ ସେବା )

(ଘ) ଆମେରିକାରେ ସବୁଠୁଁ ଭଲ କ'ଣ ?

(ଜର୍ଜ ଓ୍ୱାସିଂଟନ୍ ପୋଲ ,ଷ୍ଟେଟ୍ ଏମ୍ପାୟାର୍ କୋଠା , ଶାରୀରିକ ପରିଶ୍ରମ , ବ୍ୟକ୍ତିଗତ ସ୍ୱାର୍ଥ )

(ଙ) ବିନାୟକ ଦାମୋଦର ସଭର୍‌କର୍‌ଙ୍କ ମାତାଙ୍କ ନାମ କ'ଣ ଥିଲା ?

( ରାଧା ବାଈ , ମୀରା ବାଈ , ସବିତା ବାଈ , ମାଧୁରୀ ସଭର୍‌କର୍)

**10. ନିମ୍ନଲିଖିତ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ଲେଖ ।** **(1X5=5)**

କର୍ତ୍ତବ୍ୟବୋଧତାର ଜ୍ଞାନ ପଠିତ 'ନ୍ୟାୟ ବିଚାର ' ଗଳ୍ପରେ କିପରି ପ୍ରତିଫଳିତ ହୋଇଛି ଆଲୋଚନା କର ।

**'ଙ' ବିଭାଗ (ବୁକ୍ ବୋନସ୍ -୦୪)**

**(4X1=4)**

**11. ପ୍ରସ୍ତାବିତ ଗଳ୍ପ 'ବାୟା ଚଢ଼େଇ'କୁ ଆଧାର କରି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

(କ) ବଣର ତମାଳ ବୃକ୍ଷରେ କିଏ ବାସ କରୁଥିଲା ?

(ଖ) ମତ୍ତହସ୍ତୀଟି ବାୟା ଚଢ଼େଇର କି କ୍ଷତି କଲା ?

(ଗ) ବାୟା ଚଢ଼େଇର ଘନିଷ୍ଠ ବନ୍ଧୁ କିଏ ଥିଲା ?

(ଘ) କ'ଣ କଲେ ବାୟା ଚଢ଼େଇ ସନ୍ତାନ କଷ୍ଟକୁ କିଛି ପରିମାଣରେ ଭୁଲିଯିବ ବୋଲି ବନ୍ଧୁକୁ କହିଲା ?

*********************